# ଡାକ୍ତର ଆସୁନାହାନ୍ତି, ଫାର୍ମାସିଷ୍ଟରେ ଚାଲିଛି ଚିକିତ୍ସା

**ବିଷମକଟକ,୨।୧୧(ପ୍ରସନ୍ନ କୁମାର ପଣ୍ଡା)**



## ଡାଙ୍ଗୁ ସରକାରୀ ମେଡିକାଲ

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡା ପଞ୍ଚାୟତ ଡାଙ୍ଗୁ ସରକାରୀ ମେଡ଼ିକାଲରେ ଡାକ୍ତର ଆସୁ ନ ଥିବା ବେଳେ ଫାର୍ମାସିଷ୍ଟ ଚିକିତ୍ସା କରୁଛନ୍ତି। ଡାକ୍ତର ପ୍ରକାଶ ଚନ୍ଦ୍ର ଓଝା ଆସୁନାହାନ୍ତି ବୋଲି ବହୁ ଦିନରୁ ଅଭିଯୋଗ ହେଉଥିଲା। ଡାଙ୍ଗୁ ସରକାରୀ ମେଡ଼ିକାଲରେ ମଙ୍ଗଳବାର ପହଞ୍ଚିବାରୁ ସକାଳ ୯ ବାଜିଥିଲା। କିନ୍ତୁ ଡାକ୍ତର ଓଝା ଆସି ନ ଥିଲେ। ମେଡିକାଲ ଖୋଲା ରହିଥିଲା। ଫାର୍ମାସିଷ୍ଟ ବୀରେନ୍ଦ୍ର ପାତ୍ର ଚିକିତ୍ସା କରୁଥିଲେ। ସେହି ସମୟରେ ଆମେ ମେଡିକାଲ ଇନ୍‌ଚାର୍ଜ ବଳଦେବ ହରିହର ଟୁଡୁଙ୍କୁ ଜଣାଇବାରୁ ସେ ଡାକ୍ତର ଓଝାଙ୍କୁ ଫୋନ୍‌ରେ ଜଣାଇ ଥିଲେ। ୨୦ ମିନିଟ ପରେ ଡାକ୍ତର ଓଝା ମେଡ଼ିକାଲରେ ପହଞ୍ଚିଥିଲେ। ଆମେ ମେଡିକାଲକୁ ଠିକ୍ ସମୟରେ ଆସି ନ ଥିବା ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ସେହିପରି ଶୁକ୍ରବାର ଓ ଶନିବାର ମଧ୍ୟ ଡାକ୍ତର ଓଝା ମେଡିକାଲରେ ଉପସ୍ଥିତ ନ ଥିବାରୁ ଏ ସମ୍ପର୍କରେ ଆମେ ରାୟଗଡ଼ା ସିଡିଏମ୍ ଡାକ୍ତର ଲାଲମୋହନ ରାଉତରାୟଙ୍କୁ ଜଣାଇବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜଣେ ଫାର୍ମାସିଷ୍ଟ ପାଇକଡାକୁଲୁଗୁଡା ପଞ୍ଚାୟତର ସମସ୍ତ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ମୁନିଗୁଡ଼ା ଓ ବିଷମକଟକରେ ଏପରି ମେଡିକାଲ ନାହିଁ ତାହା ପାଇକଡାକୁଲୁଗୁଡା ପଞ୍ଚାୟତର ଡାଙ୍ଗୁରେ ରହିଛି। ପରିବେଶ ଅତି ସୁନ୍ଦର ଓ ମେଡିକାଲ ମଧ୍ୟ ବହୁତ ସଫାସୁତୁରା ରହିଛି। ହେଲେ ପାଳିରେ ଆସୁଛନ୍ତି ଡାକ୍ତର। କେବେ ୧୧ଟାରେ ଆସୁଛନ୍ତି ତ ଆଉ କେବେ ୧୨ଟାରେ ଆସୁଛନ୍ତି। ଆଉ ବେଳେ ବେଳେ ଆସୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ।



ରାୟଗଡ଼ା ବ୍ଲକ କଲୋନୀ କାଳୀମନ୍ଦିର । (ଫଟୋ– ଭାଗ୍ୟଶ୍ରୀ ମିଶ୍ର)

# ଦେଶର ବିକାଶ, ଏକତା ବଜାୟ ରଖିବାକୁ ପରାମର୍ଶ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ମୁନିଗୁଡ଼ା,୨।୧୧ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ବ୍ଲକ ଖଜୁରୀପଦର ପ୍ରାଥମିକ ବିଦ୍ୟାଳୟ ସଭାଗୃହ ପରିସରରେ ନେହେରୁ ଯୁବ କେନ୍ଦ୍ର ଓ ମାଁ ମାଣିକେଶ୍ୱରୀ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ନେହେରୁ ଯୁବକ ସଂଘ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀ ନାରାୟଣ ସେଠୀ ଓ ମାଁ ମାଣିକେଶ୍ୱରୀ ଯୁବକ ସଂଘ ସଭାପତି ତ୍ରିପାଠି କିଲାକାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ମୁନିଗୁଡ଼ା ପୋଲିସ ଷ୍ଟେସନ ଏସ୍‌ଆଇ ସୁଶୀଲ କୁମାର ଜେନା, ପୂର୍ବତନ ଜିଲାପରିଷଦ ରାମଚନ୍ଦ୍ର ବେହେରା, ପୂର୍ବତନ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନଣ୍ଡୁକା,କନଷ୍ଟେବଲ ସୁବାସିନୀ ଶବର, ଇଞ୍ଜିସ ଶର ପ୍ରମୁଖ ଉପସ୍ଥିତ ଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ବିକାଶ ଓ ଏକତା ବଜାୟ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ଶିକକା, ରଶ୍ମିତା ପିଡିକାକା, କୋକେଇ ପିଡିକାକା, ହେମନ୍ତ କୁଲିସିକା, ହେମନ୍ତ ପିଡିକାକା, ଶ୍ରୀଧର ସାରାକାଙ୍କ ସମେତ ଅନେକ ଯୁବତୀ ଯୁବକ ଉପସ୍ଥିତ ଥିଲେ। ଲକ୍ଷ୍ମୀ ନାରାୟଣ ସେଠୀ ଧନ୍ୟବାଦ ଦେଇଥିଲେ।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଗୁଣପୁର,୨।୧୧(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଅଧୀନ ଆୟୁଷ ଯୁକ୍ତ ତିନି ମହାବିଦ୍ୟାଳୟ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ କରାଯାଇଛି। 'ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ରର ପ୍ରଗତି ପ୍ରତି ସମର୍ପିତ ରହିବା' କାର୍ଯ୍ୟକ୍ରମ କଲେଜ ସମ୍ପାଦକ ଉଦୟ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ରକି ଭୂୟାଁ, ରାଜନୀତି ବିଭାଗର ଅଧ୍ୟାପିକା ସଙ୍ଗୀତା ପାଢ଼ି, ଶିକ୍ଷା ବିଭାଗ ଅଧ୍ୟାପିକା ଜ୍ୟୋର୍ତିମୟୀ ରାଉତ, ଓଡ଼ିଆ ବିଭାଗର ଅଧ୍ୟାପିକା ପିଙ୍କି ଗୌଡ, ଶିଳ୍ପ ବିଭାଗର ଅଧ୍ୟାପିକା ସସ୍ମିତା ଚମ୍ପାଫୁଲ, କର୍ମଚାରୀ ସିପ୍ରା ମଞ୍ଜରୀ ସାହୁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଲେଜ ପରିସରରୁ ଶୋଭାଯାତ୍ରା ବାହାରି ଥିଲା। ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ ଓ ପୋଲିସ ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଭାଗବତ ସପ୍ତାହ, ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ




**ମୁନିଗୁଡା,୨।୧୧ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡା ଜିଲା ମୁନିଗୁଡ଼ା ପାଇକ ସାହିସ୍ଥିତ ଭଲିବଲ ପଡିଆ ପରିସରରେ ରାଧା ଦାମୋଦର ଭାଗବତ ପ୍ରଚାର କମିଟି ପକ୍ଷରୁ ଭାଗବତ ସପ୍ତାହ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ କରାଯାଇଛି। ବୃନ୍ଦାବନ ରାଧାକୁଣ୍ଡରୁ ପ୍ରବକ୍ତା ମୋଦନ ଗୋପାଳ ଦାସ ମହାରାଜ ପ୍ରବଚକ ଭାବେ ଯୋଗଦେଇଛନ୍ତି। ଅତିଥିଭାବେ ବିଧାୟକ ନୀଳମାଧ ହିକ୍‌କା, ସରପଞ୍ଚ ସରସ୍ୱତୀ ଶବର, ମାନସ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟିର ଜାମି ମହେଶ, ରଜତ ମହାରଣା ପ୍ରମୁଖ କହିଛନ୍ତି। ମୁନିଗୁଡ଼ା, ମୁନିଖୋଲ, ପାଇକସାହି, ଗୋତିଗୁଡା, ଗୌଡ଼ସାହି, ଖମଣସାହି, ଗୋବର୍ଦ୍ଧନ, ଗତିଗୁଡା,ଟିକରପଡା ସାହି, ତେଲେଙ୍ଗାପଦର, ଗଙ୍ଗରପଡ଼ା, ଭୈରବଗଡ଼, କୁତ୍ରାଗଡ଼ ସହ ବିଭିନ୍ନ ଗ୍ରାମରୁ ଭାଗବତ ଟୁଙ୍ଗୀର ସଦସ୍ୟ ଓ ଭାଗବତ ପ୍ରେମୀ ଉପସ୍ଥିତ ରହୁଛନ୍ତି। ପ୍ରତେକ ଦିନ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମକୁ ରାଧାଦାମୋଦର ଭାଗବତ ପ୍ରବଚନ କମିଟିର ରୁଦ୍ରପ୍ରସାଦ ରତ୍ନାଲୁ, ପ୍ରଭାକର ଲାବଲା, ଅଜିତ ମହାରଣା, ବଂଶୀଧର ନନ୍ଦ, ଦିଲ୍ଲୀପ ସୁବୁଦ୍ଧି, କ୍ଷିତିସ ସାହୁ, ତରଣୀ ବେହେରା ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ଚୋରି ମୋବାଇଲ ରିସେଟ୍ କରିବାକୁ ଆସି ଧରାପଡ଼ିଲେ

**ରାୟଗଡ଼ା, ୨।୧୧(ଆଶିଷ ରଞ୍ଜନ ପଣ୍ଡା)**

## ଯୁବକଙ୍କୁ ଧରି ଥାନାରେ ଦେଲେ ଫୋନ୍ ମାଲିକ

ଚୋରି ମୋବାଇଲ୍‌କୁ ରିସେଟ୍ କରିବାକୁ ଆସି ଧରା ପଡ଼ିଲେ ଜଣେ ଯୁବକ। ଏଭଳି ଘଟଣା ଶନିବାର ରାୟଗଡ଼ା ସହରରେ ଦେଖିବାକୁ ମିଳିଛି। ଫୋନ୍ ମାଲିକ ଯୁବକଙ୍କୁ ଧରି ପୋଲିସ ଜିମାରେ ଦେଇଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ ରାୟଗଡ଼ା ସହର ସାଇପ୍ରିୟା ନଗର ନବମ ଲେନ୍‌ରେ ରହୁଥିବା ଏ.ହେମାଲତାଙ୍କ ପଡ଼ୋଶୀଙ୍କ ଘରୁ ଗତ ୪ ତାରିଖରେ ୨ଟି ମୋବାଇଲ ଚୋରି ହୋଇଥିଲା। ଚୋରି ମୋବାଇଲ ସମ୍ପର୍କରେ ରାୟଗଡ଼ା ଥାନାରେ ଅଭିଯୋଗ ହୋଇଥିଲା। ୩୧ ତାରିଖ ରାତିରେ ହେମାଲତାଙ୍କ ଘରୁ ମଧ୍ୟ ୨ ଟି ମୋବାଇଲ ଚୋରି ହୋଇଥିଲା। ହେମଲତା କିନ୍ତୁ ଚୋରି ମୋବାଇଲ ସମ୍ପର୍କରେ ଅଭିଯୋଗ ନ କରି ସହରରେ ରହିଥିବା ମୋବାଇଲ ଦୋକାନୀମାନଙ୍କୁ ଜଣାଇଥିଲେ। ଶନିବାର ମଧ୍ୟାହ୍ନରେ ଜଣେ ଯୁବକ ହେମଲତାଙ୍କ ମୋବାଇଲ ନେଇ ଦୋକାନୀଙ୍କୁ ଲକ୍ ଖୋଲିବା, ଅନ୍ୟ ପାସ୍‌ୱାର୍ଡ ସବୁ ଡିଲିଟ୍ ନହେଲେ ଫୋନ୍ ରିସଟେ୍ କରିବାକୁ କହିଥିଲେ। ଦୋକାନୀ ଜଣକ ମନା କରିବାରୁ ଯୁବକ ଫୋନ ନେଇ ସେଠାରୁ ପଳାଇଥିଲେ। ଏ ନେଇ ଦୋକାନୀ ହେମଲତାଙ୍କୁ ଜଣାଇଥିଲେ। ହେମଲତା ଯୁବକ ଜଣଙ୍କ ପିଛାକରି ଜ୍ୟୋତି ମହଲ ଛକରେ ଥିବା କ୍ରିଷ୍ଣା ମୋବାଇଲ ଦୋକାନରେ ତାଙ୍କୁ କାବୁ କରିଥିଲେ। ଏହାପରେ ଯୁବକ ଜଣଙ୍କୁ ରାୟଗଡ଼ା ପୋଲିସ ଜିମା ଦେଇଥିଲେ। ରାୟଗଡ ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି।

# ଯବାନଙ୍କୁ ମଶାରି ବାଣ୍ଟିଲେ ଜିଲାପାଳ

**ରାୟଗଡ଼ା, ୨।୧୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରୀ ସ୍ଥାନୀୟ ସିଆରପିଏଫ୍ କ୍ୟାମ୍ପରେ ଆୟୋଜିତ ଜିଲାସ୍ତରୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲାଲ ମୋହନ ରାଉତରାୟ ପରିଚାଳନା କରିଥିଲେ। ଦେଶ ପାଇଁ କାର୍ଯ୍ୟ କରୁଥିବା ସିଆରପିଫ୍ ଯବାନଙ୍କୁ ଜିଲାପାଳ ମଶାରି ବଣ୍ଟନ କରିଥିଲେ। ରାତିରେ ମଶାରି ଟାଙ୍ଗି ଶୋଇବାକୁ ସେ ପରାମର୍ଶ ଦେଇଥିଲେ। ଏପରି କଲେ ମ୍ୟାଲେରିଆ ଓ ଡେଙ୍ଗୁ ଦାଉରୁ ନିଜକୁ ରକ୍ଷା କରିହେବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ସିଆରପିଏଫ୍ କ୍ୟାମ୍ପ ଅଧିକାରୀ ଓ ଯବାନ ଉପସ୍ଥିତ ଥିଲେ।




ଜିଲାପାଳ ଜଣେ ଯବାନଙ୍କୁ ମଶାରି ପ୍ରଦାନ କରୁଛନ୍ତି।

# ବ୍ଲକସ୍ତରୀୟ ସୁରଭି ପାଇଁ ପ୍ରାୟୋଜକ ଖୋଜା

**ରାୟଗଡ଼ା,୨।୧୧(ଆଶିଷ ରଞ୍ଜନ ପଣ୍ଡା)**

## ଘରୋଇ କମ୍ପାନୀ, ବ୍ୟାଙ୍କକୁ ଚିଠି ଲେଖିଲେ ବିଇଓ

ରାୟଗଡ଼ା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ପାଇଁ ସୁରଭି ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରିଥାଏ ଶିକ୍ଷା ବିଭାଗ। ଏଥିପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତିବ୍ଲକକୁ ୨୫ହଜାର ଟଙ୍କା ଲେଖାଏ ପ୍ରଦାନ ହୋଇଥିବା ବେଳେ ରାୟଗଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୁରଭି ପାଳନ ପାଇଁ ଘରୋଇ କମ୍ପାନୀ ଓ ବ୍ୟାଙ୍କକୁ ଚିଠିକରି ପ୍ରାୟୋଜକ ହେବାକୁ ନିବେଦନ କରାଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି । ଯାହା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୨୭୮୫ ରେ ଜେକେ ପେପରମିଲ ନିର୍ବାହୀ ଉପସଭାପତି ଓ ଚିଠି ନମ୍ବର ୨୭୮୬ରେ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କୁ ପ୍ରାୟୋଜକ ପାଇଁ ନିବେଦନ କରାଯାଇଛି। ଏହାସହିତ ସହାୟତା କରିବାକୁ ଚିଠିରେ ଉଲେଖ ରହିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଜିଲାର ଅନ୍ୟ ବ୍ଲକରେ ୨୫ ହଜାର ଟଙ୍କାରେ ସୁରଭି ଅନୁଷ୍ଠିତ ହୋଇଥିବା ବେଳେ ରାୟଗଡା ବ୍ଲକ ପାଇଁ ପ୍ରାୟୋଜକ ଆବଶ୍ୟକ ପଡ଼ିଲା। ଏ ସମ୍ପର୍କରେ ରାୟଗଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ ଦାସ କହିଛନ୍ତି, ଘରୋଇ କମ୍ପାନୀମାନଙ୍କ ପକ୍ଷରୁ ସିଏସ୍‌ଆର ପାଣ୍ଠି ଅଧୀନରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସର୍ବଦା ସହଯୋଗ ପାଇଁ ଅନୁରୋଧ ଆସିଥାଏ । ତେଣୁ ସୁରଭି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ନିବେଦନ କରାଯାଇଥିଲା ବୋଲି ସେ କହିଛନ୍ତି ।

# ମେଗା ବୟସ୍କ ଯକ୍ଷ୍ମା ଟିକାକରଣ ଶିବିର

**ଜେକେପୁର, ୨।୧୧(ରାଜେଶ ବିଶ୍ୱାଳ)**

ଜେକେପୁରସ୍ଥିତ ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପରେ ଏକ ମେଗା ବୟସ୍କ ଯକ୍ଷ୍ମା ଟିକାକରଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ସିଏଚ୍‌ସି ସ୍ୱାସ୍ଥ୍ୟ ମୁଖ୍ୟ ଅଧିକାରୀ ଡକ୍ଟର ବି. ସନ୍ତୋଷ କୁମାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଏଡିମ୍‌ଓ ମମତା ଦାସ ଉଦ୍‌ଘାଟନ କରିଥିଲେ। ଜେମଦେଇପେଣ୍ଠର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଅଧିକାରୀ ସୁନୀଲ ମହାପାତ୍ର କାର୍ଯ୍ୟକ୍ରମ ଆୟୋଜକ ଥିଲେ। ପେଣ୍ଠା, କାରଲାକଣା, ଚାନ୍ଦିଲି ଏବଂ କୁମୁଟିପେଣ୍ଠରୁ ଅନେକେ ଯୋଗଦେଇଥିଲେ। ଏଠାରେ ୧୮ରୁ ଉର୍ଦ୍ଧ୍ୱ ମଧୁମେହ ଆକ୍ରାନ୍ତ, ଅତିଶୟ କୁପୋଷଣ ଗ୍ରସ୍ତ , ପୂର୍ବତନ ଯକ୍ଷ୍ମା ରୋଗୀ ଓ ତାଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତି, ୬୦ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି (ଯେଉଁମାନେ ମାସେ ଧରି ଚାଲିଥିବା ଏହି ଯକ୍ଷ୍ମା ଟୀକାକରଣ କାର୍ଯ୍ୟକ୍ରମରେ କୌଣସି କାରଣବଶତଃ ରହିଯାଇଥିଲେ) ସେମାନଙ୍କୁ ଟୀକା ଦିଆଯାଇଥିଲା। ଟିକାକରଣର ନିରାପଦତା ବିଷୟରେ ଲୋକଙ୍କୁ ବୁଝାଯିବା ପରେ ୮୦ରୁ ଉର୍ଦ୍ଧ୍ୱ ବୟସ୍କ ସ୍ୱଇଚ୍ଛାରେ ଏହି ଟୀକା ନେଇଥିଲେ। ସେକ୍ଟର ସ୍ୱାସ୍ଥ୍ୟକର୍ମୀମାନେ ଟୀକା ଦେଇଥିବାବେଳେ ସିଏଚ୍‌ଓ ମାନେ ଏହାର ନିୟନ୍ତ୍ରଣ କରିଥିଲେ। ଜେମାଦେଇପେଣ୍ଠ ସିଏଚ୍‌ସିର ଏହି ପ୍ରୟାସରେ ଅନେକ ଲୋକ ଉପକୃତ ହୋଇଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ମିଳିତ ଉଦ୍ୟମ, ଉତ୍କୃଷ୍ଟ ସଚେତନତା ଯୋଗୁ କାର୍ଯ୍ୟକ୍ରମର ସଫଳ ହୋଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ କହିଛନ୍ତି।



ଶିବିରରେ ଜଣେ ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି।

# ଉମ୍ବ ସମ୍ପ୍ରଦାୟର ଭାଇଚାରାର ପର୍ବ ଦିଆଲ

**ଟିକିରି, ୨।୧୧ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁରର ଉମ୍ବ ସାମ୍ପ୍ରଦାୟ ଅଧିବାସୀମାନେ ଏକ ନିଆରା ଢଙ୍ଗରେ ଦୀପାବଳି ପାଳିଥାନ୍ତି। ଦୀପାବଳିକୁ ସେମାନେ ଦିଆଲ ପରବ ନାମରେ ପାଳନ କରିଥାନ୍ତି। ଏହି ଦିଆଲ ପରବ ୩ ଦିନ ଧରି ପାଳନ କରାଯାଏ। ଦୀପାପଳିର ୯ଦିନ ଆଗରୁ ନଦୀରୁ ବାଲି ଆଣି ସେଥିରେ ମକା ମଞ୍ଜି ପକାଯାଏ। ନଦୀରୁ ବାଲି ଆଣି ସେଥିରେ ମକା ମଞ୍ଜି ପକାଯାଏ। ସେଥିରେ ଗଛ ହୋଇ ଯେଉଁ ଫୁଲ ଫୁଟେ ତାହାକୁ ବାଲିଫୁଲ କୁହାଯାଏ। ୩ ଦିନ ଧରି ଏହି ଫୁଲରେ ସେମାନେ ପୂଜା କରିଥାଆନ୍ତି। ଦୀପାବଳି ଦିନ ଦିଆଲି ପରବର ପ୍ରଥମ ଦିନ। ଏହିଦିନ ସେମାନେ ଉପବାସ ରହି ଘରର ଇଷ୍ଟ ଦେବୀ ଓ ପୂର୍ବ ପୁରୁଷଙ୍କୁ ପୂଜା କରିଥାଆନ୍ତି। ଦ୍ୱିତୀୟ ଦିନରେ ଘରେ ପୂଜା କରି ସେ ସବୁକୁ ଘର ମୁଖ୍ୟ ବାଟର ଛଣରେ ରଖି ଥାଆନ୍ତି। ତୃତୀୟ ଦିନରେ କୁକୁଡ଼ା ଛେଳି ପୂଜା କରାଯାଏ। ଉକ୍ତ ମାଂସ ରାନ୍ଧି ଭାତ ପିଠା ସହ କ୍ଷୀରିଧନୀ ମାଳ ବାନ୍ଧିବାକୁ ଯାଇଥାନ୍ତି। ସନ୍ଧ୍ୟାରେ ଯୁବତୀମାନେ ଗାଁର ମୁଖ୍ୟମାନଙ୍କୁ ଦାନ୍ତକାଠି ଦେଇ ଗାଧୋଇ ଦେଇକି ଫୁଲମାଳ ଦିଅନ୍ତି। ଯୁବକମାନେ ସେହି ମୁଖ୍ୟମାନଙ୍କୁ ଖଟରେ ଉଠାଇକି ସାହି ସାରା ନାଚ ଗୀତରେ ବୁଲାଇଥାଆନ୍ତି। ବାଲି ଫୁଲ ସମସ୍ତଙ୍କୁ ପିନ୍ଧାଇ କି ଖୁସିରେ କିଛି ଟଙ୍କା ଦେଇଥାନ୍ତି। ଆଉ ରାସ୍ତାରେ ଯିବା ଲୋକଙ୍କୁ ମଧ୍ୟ ବାଲି ଫୁଲ ପିନ୍ଧାଯାଇଥାଏ। ସମସ୍ତେ ମିଶକି ବାଜା ବଜାଇ ଢେମସା ନାଚ କରିଥାଆନ୍ତି।



**ଫେରାର ଅଭିଯୁକ୍ତ ଗିରଫ**

ଜୟପୁର,(ପବନ ପାଣିଗ୍ରାହୀ)-ଜୟପୁର ସଦର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ପୁଟ୍ରା ଗ୍ରାମର କେଶବ ଭତ୍ରା (୨୭)। ୨୦୧୮ରେ ଡକାୟତି ହୋଇଥିବା ନେଇ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଫେରାର ଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ସେରୁବନ୍ଧ ପାହାଡ଼ରୁ ବକ୍ସାଇଟ ଖନନକୁ ବିରୋଧ

ପଟାଙ୍ଗି,୨।୧୧(ଶରତ ଧଳ)

କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ସେରୁବନ୍ଧ ପାହାଡ଼ରୁ ବକ୍ସାଇଟ ଖନନ ପୂର୍ବରୁ ପଟାଙ୍ଗୀ ଓ ସେମିଳିଗୁଡ଼ା ବ୍ଲକର କ୍ଷତିଗ୍ରସ୍ତ ଗ୍ରାମବାସୀ ଏକାଠି ହୋଇଛନ୍ତି। ଶନିବାର ବାଇକ୍ ରାଲିକରି ବିକ୍ଷୋଭ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭ ପଟାଙ୍ଗି ବ୍ଲକ୍ ମାଳିପୁଟ ପଞ୍ଚାୟତ ସିପାଇପୁଟ ଗ୍ରାମରେ ଦେଖିବାକୁ ମିଳିଥିଲା। ଉକ୍ତ ଗ୍ରାମରେ ପଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକ୍ ୬ ପଞ୍ଚାୟତ ଲୋକେ ଏକାଠି ହୋଇଥିଲେ। ପଟାଙ୍ଗିର କୋଟିଆ, ନୂଆଗାଁ, ମାଳିପୁଟ ଓ ପଟାଙ୍ଗି ଏବଂ ସେମିଳିଗୁଡ଼ାର ଖୁଡ଼ି ଏବଂ ସୋରିଷପଦର ବ୍ଲକ୍‌ର ୪୧ ଗ୍ରାମର କ୍ଷତିଗ୍ରସ୍ତ ଲୋକେ ଏକାଠି ହୋଇ ଏକ ବାଇକ୍ ରାଲି କରିଥିଲେ। ରାଲି ସିପାଇପୁଟରୁ ବାହାରି ପଟାଙ୍ଗି ତହସିଲ ନିକଟରେ ପହଞ୍ଚି ବରିଷ୍ଠ କିରାଣି ବିଳାସ ଭତ୍ରାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ ପୃଷ୍ଠା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଆଦିବାସୀଙ୍କ ଜୀବନ ଜୀବିକା ଓ ସ୍ୱାସ୍ଥ୍ୟକୁ ଜଳାଞ୍ଜଳିଦେଇ ବେଆଇନଭାବେ ସେରୁବନ୍ଧ ପାହାଡ଼ ବକ୍ସାଇଟ ଖଣିକୁ ନାଲ୍‌କୋକୁ ହସ୍ତାନ୍ତର କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରାଯାଇଛି। କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଜୀବନ ଜୀବିକା କିଏ ଦେବ ବୋଲି ଉଲ୍ଲେଖ ରହିଛି। ଭୂମିହୀନ ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନକରି ପରବର୍ତ୍ତୀ ସମୟରେ କମ୍ପାନୀ ଉଦ୍ଦେଶ୍ୟରେ ହସ୍ତାନ୍ତର କରିବା ଏହା କେଉଁ ନିୟମ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେହିପରି ଉକ୍ତ ପାହାଡ଼ର ୮୫ ପ୍ରତିଶତ ଗ୍ରାମବାସୀ ଚାଷକରି ପରିବାର ପ୍ରତିପୋଷଣ କରୁଛନ୍ତି, ସେରୁବନ୍ଧ ପାହାଡ଼ରେ ଥିବା ବକ୍ସାଇଟ ଖଣି ଖନନ କରାଗଲେ ସମସ୍ତ ଗ୍ରାମବାସୀ ପ୍ରଭାବିତ ହେବା ସହ ରୋଜଗାର ହରାଇବେ, ଜଳ, ଜମି ଓ ଜଙ୍ଗଲ ବିନା ଆଦିବାସୀ ବଞ୍ଚିବା କଷ୍ଟକର। ତେଣୁ ଖଣି ଖନନ କଲେ ଝରଣାପାଣି ଶୁଖିବା ସହ ଚାଷ କ୍ଷତିଗ୍ରସ୍ତ ହେବ। ପଶୁପକ୍ଷୀ ବାସହରା ହେବା ସହ ଔଷଧୀୟ ଗଛ ଲୋପପାଇବ।



ରାଲିରେ ଯାଇ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଗ୍ରାମବାସୀ

ପୂର୍ବରୁ ଏହାକୁ ଗ୍ରାମସଭାରେ ବିରୋଧ କରାଯାଇଥିବା ବେଳେ ପୁନର୍ବାର ବଳ ପୂର୍ବକ ଗ୍ରାମସଭାରେ ପାରିତକରି ଆମମାନଙ୍କୁ ମୃତ୍ୟୁମୁଖକୁ ଠେଲିଦିଆଯାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ବିକ୍ଷୋଭରେ ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, କୋରାପୁଟିଆ ଜନ ସୁରକ୍ଷା ସମିତି ସଭାପତି ଦାଶି ନନ୍ଦିବାଲି, ସେରୁବନ୍ଧ ସୁରକ୍ଷା ସମିତି ସଭାପତି ରବି ଖରା, ନୂଆଗାଁ ସରପଞ୍ଚ ସୁବାସ ଖରା, ପଟାଙ୍ଗି ସରପଞ୍ଚ ଆଲମେ ପୁଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସମିତି ସଭ୍ୟା ଶିବାନୀ ନାୟକ, ଭଗବାନ ଗଲୋରି, ନୂଆଗାଁର ପୂର୍ବତନ ସରପଞ୍ଚ ସିଡ୍ରୁ ପାଙ୍ଗୀ, ସୁନୀଲ ଖରା ଓ ମାଳିପୁଟର ପୂର୍ବତନ ସରପଞ୍ଚ ସାଦୁ ଗୁଣ୍ଟା ପ୍ରମୁଖଙ୍କ ସମେତ ବିଭିନ୍ନ ଗ୍ରାମର କ୍ଷତିଗ୍ରସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

# ଦୁର୍ନୀତି ଏକ ଅପରାଧ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

କୋରାପୁଟ,୨।୧୧(ଅମିତାଭ ବେହେରା)

## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କୋରାପୁଟ ସଦର ମହକୁମା ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଭିଜିଲାନ୍ସ ଡିଭିଜନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଓ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗଦେଇ ଦେଶରୁ ଦୁର୍ନୀତି ହଟାଇ ବିକାଶମୂଳକ କାର୍ଯ୍ୟ କରିବାରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲ କହିଥିଲେ। ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସଚେତନତା ମାଧ୍ୟମରେ ଦୁର୍ନୀତି ନିବାରଣ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ଦୁର୍ନୀତି ହେଉଛି ଏକ ଅପରାଧ। ଦୁର୍ନୀତି କରୁଥିବା ବ୍ୟକ୍ତି ସର୍ବଦା ରୋଗଗ୍ରସ୍ତ ଥାଏ ବୋଲି କହିଥିଲେ। କୋରାପୁଟ ଭିଜିଲାନ୍ସ ଡିଭିଜନ ୪୧ କେସ୍ ପଞ୍ଜୀକୃତକରି ରାଜ୍ୟରେ ଶ୍ରେଷ୍ଠ ଡିଭିଜନ ଭାବେ ପୁରସ୍କୃତ ହୋଇଥିବା ସେ ସୂଚନା ଦେଇଥିଲେ। ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଶୀର୍ଷକ ଉପରେ ଅତିଥି ଆଲୋକପାତ କରିଥିଲେ। ରାଜ୍ୟରେ ଦୁର୍ନୀତି ବଢ଼ି ଚାଲଥିବା ବେଳେ ଏହାକୁ ରୋକିବା ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ବିଧାୟକ କାଡ଼ାମ କହିଥିଲେ। ଦୁର୍ନୀତି କରୁଥିବା ଲୋକଙ୍କ ଉପରେ ଜିଏସ୍‌ଟି ଅଧିକରୁ ଅଧିକ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଗାଁରୁ ଆରମ୍ଭ କରି ଜିଲା ପର୍ଯ୍ୟନ୍ତ ଯଦି ଦୁର୍ନୀତି ମୁକ୍ତ ହେବ ତେବେ ଜିଲାର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ଅତିରିକ୍ତ ଜିଲାପାଳ ରାଉତ ଉପସ୍ଥିତ ବ୍ୟକ୍ତିଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କୋରାପୁଟ ଉପ ଜିଲାପାଳ ବେଣୁଧର ଶବର, ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସହର ପରିକ୍ରମା କରିଥିଲେ।

# ୩ ନୂତନ ବିଷୟ ଶୁଭାରମ୍ଭକଲେ ବିଧାୟକ

ବୋରିଗୁମ୍ମା,୨।୧୧(ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୩ ନୂତନ ବିଷୟର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶୁଭାରମ୍ଭ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଦାଶରଥି ଗୌଡ଼ଙ୍କ ସଭାପତିତ୍ୱରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। କଳା ବିଭାଗର ସୋସିଓଲୋଜି, ବିଜ୍ଞାନର ଆଇଟି ଓ ବାଣିଜ୍ୟ ବିଭାଗର ଆକାଉଣ୍ଟିଂ ଆଦି ୩ ନୂତନ ବିଷୟର ଶୁଭାରମ୍ଭ ହୋଇଛି। ଆଇଟିରେ ମୋଟ ୬୪, ସୋସିଓଲୋଜିରେ ୬୪ ଓ ଆକାଉଣ୍ଟିଂରେ ୧୨୪ ଜଣ ଛାତ୍ରୀଛାତ୍ର ପଢ଼ିପାରିବେ। ଚଳିତ ବର୍ଷଠାରୁ ଛାତ୍ରୀଛାତ୍ରମାନେ ୩ ନୂତନ ବିଷୟରେ ନାମ ଲେଖାଇଛନ୍ତି। ଜୟପୁର ଗୋଟିଏ ଏଜୁକେଶନ ହବ୍ ହେବାକୁ ଯାଉଛି ବୋଲି ବିଧାୟକ ବାହିନୀପତି କହିଥିଲେ। କୋରାପୁଟ ଜିଲାର ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ଜିଲା କିମ୍ବା ରାଜ୍ୟ ବାହାରକୁ ନ ଯାଇ ଜିଲାରେ ପଢ଼ିପାରିବେ। ଅଧ୍ୟାପକ ଡ. ପ୍ରଦୀପ କୁମାର ସ୍ୱାଇଁ, ଅଧ୍ୟାପକ ସୁମନ୍ତ କୁମାର ସାହୁ,ଅଶୋକ ପଣ୍ଡା, ଅଧ୍ୟାପିକା ସୁନୀତି ପୃଷ୍ଟି, ଅଧ୍ୟାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ଅଧ୍ୟାପିକା ଭବାନୀ ପଟ୍ଟନାୟକ, କେ.ସ୍ୱାଗତିକା, ୱାଇ. ଜ୍ୟୋତ୍ସ୍ନା ଓ ନନ୍ଦିତା ସାହୁ ଉପସ୍ଥିତ ଥିଲେ।

# ଜିଏସ୍‌ଟି ଅଧିକାରୀଙ୍କ ବିରୋଧରେ ଏତଲା ଦେଲେ ବିଧାୟକ


ବିଧାୟକ ଓ ଚାମ୍ବର ଅଫ୍ କମର୍ସ ତରଫରୁ ବିକ୍ଷୋଭ ଶୋଭାଯାତ୍ରା।

ଜୟପୁର,୨।୧୧(ପବନ ପାଣିଗ୍ରାହୀ)

- ସୁନା ବ୍ୟବସାୟୀଙ୍କ ମୃତ୍ୟୁ ମାମଲା
- ଭିଜିଲାନ୍ସ ତଦନ୍ତ ଦାବି

ଜୟପୁର ସହରର ନ୍ୟୁ ବାସବୀ ଜୁଏଲେରିର ମାଲିକ ହରପ୍ରସାଦଙ୍କ ମୃତ୍ୟୁ ମାମଲା ନେଇ ସମସ୍ତ ବ୍ୟବସାୟୀ ଏକତ୍ରିତ ହୋଇ ନ୍ୟାୟ ଦାବି କରିଛନ୍ତି। ଜିଏସ୍‌ଟି ବିଭାଗର ନିର୍ଯାତନା ଯୋଗୁ ସୁନା ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି ବୋଲି ଅଭିଯୋଗକରି ଚାମ୍ବର ଅଫ୍ କର୍ମସ ଶନିବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଏ ନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହାକୁ ସମର୍ଥନ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟା ଦୋକାନ ବଜାର ବନ୍ଦ ରହିଥିବା ବେଳେ ନ୍ୟୁ ବାସବୀ ଜୁଏଲେରି ନିକଟରେ ସମସ୍ତ ବ୍ୟବସ୍ଥାୟୀ ଏକତ୍ରିତ ହୋଇ ନ୍ୟାୟ ଦାବି କରିଥିଲେ। ସମସ୍ତ ଦୋକାନ ବଜାର ବନ୍ଦକରି ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଚାମ୍ବର ଅଫ୍ କମର୍ସ ତରଫରୁ ବନ୍ଦ ଡାକରା ଦିଆଯାଇଥିଲା। ସ୍କୁଲ କଲେଜ ସମେତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଖୋଲା ଓ ଗାଡ଼ି ଚଳାଚଳ ସ୍ୱାଭାବିକ ଥିଲା। ନ୍ୟୁ ବାସବୀ ଜୁଏଲେରି ଦୋକାନଠାରୁ ଜୟପୁର ବାଣିଜ୍ୟକର ଏବଂ ଜିଏସ୍‌ଟି ପ୍ରବର୍ତ୍ତନ ୟୁନିଟ୍ ଯାଏ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ବାହାରି ଘେରାଉ କରାଯାଇଥିଲା। ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା ପ୍ରବର୍ତ୍ତନ ଏକକ ଉପ ଆୟୁକ୍ତ ସରୋଜ କିଶୋର ହାଁସଦାଙ୍କୁ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୋଭାଯାତ୍ରାରେ ବିଧାୟକ ବାହିନୀପତି ସାମିଲ ହୋଇଥିଲେ। ଜିଏସ୍‌ଟି ବିଭାଗ ଉଦ୍ଦେଶ୍ୟମୂଳକ ଭାବେ ଚଢ଼ାଉକରି ମହିଳା କର୍ମଚାରୀଙ୍କୁ ନ ନେଇ ଘର ଭିତରେ ପ୍ରବେଶକରି ହାରାସ କରାଯିବାରୁ ବ୍ୟବସାୟୀ ହର ଭୟଭୀତ ହୋଇ ଅସୁସ୍ଥ ହୋଇ ପଡ଼ିଥିଲେ। ଦୀର୍ଘ ୫ରୁ ୬ ଘଣ୍ଟା ଚଢ଼ାଉ କରାଯାଇଥିବାରୁ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଚାମ୍ବର ତରଫରୁ ଅଭିଯୋଗ କରାଯାଇଛି। ଉପ ଆୟୁକ୍ତ ହାଁସଦା କହିଛନ୍ତି , ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇଥିଲା ଏବଂ ଚଢ଼ାଉରେ ବ୍ୟସ୍ତ ଥିବା ଯୋଗୁ ହର ଭୟଭୀତ ଥିବା ଜାଣିପାରି ନ ଥିଲେ। ଚାମ୍ବର ଅଫ୍ କମର୍ସ ଓ ଲୋକ ପ୍ରତିନିଧି ଭାବେ ବିଧାୟକ ବାହିନୀପତି ଜିଏସ୍‌ଟି ବିଭାଗ ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତ କରି ଚଢ଼ାଉ କରିଥିବାରୁ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଦାବି କରିଥିଲେ। ଚଢ଼ାଉ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଭିଜିଲାନ୍ସ ଚଢ଼ାଉ କରିବା ପାଇଁ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଥିଲେ। ଚଢ଼ାଉ କରାଗଲେ ସୁନାଗହଣା,ଟଙ୍କା, ଭୁବନେଶ୍ୱରରେ ଫ୍ଲାଟ୍ ବାହାରିବ ବୋଲି ବିଧାୟକ ବାହିନୀପତି କହିଥିଲେ। ୭ଦିନ ମଧ୍ୟରେ ତଦନ୍ତକରି ପଦକ୍ଷେପ ନ ନେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି। ପର୍ବପର୍ବାଣି ସମୟରେ ଚଢ଼ାଉ ନ କରିବାକୁ ଚାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ବି.ପ୍ରଭାକର ଦାବି କରିଛନ୍ତି। ଏ ନେଇ ଜୟପୁର ଟାଉନ ଥାନା ଅଧିକାରୀ ରମଣିରଞ୍ଜନ ଦଳେଇଙ୍କୁ ପଚାରିବାରୁ ବିଧାୟକ ବାହିନୀପତି ଏତଲା ଦେଇଛନ୍ତି ଏବଂ ତଦନ୍ତ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଭାରରେ ବୁହାହୋଇ ଅଧା ବାଟରେ ବୃଦ୍ଧଙ୍କ ମୃତ୍ୟୁ

ଦଶମନ୍ତପୁର,୨।୧୧(ଅରବିନ୍ଦ ନାୟକ)

## ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତ ଅଧୀନ ଟି.ବାରୀଗୁଡା ଗ୍ରାମକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ରେ ୩ କିମି ଦୂର ଭାରରେ ବୁହା ହୋଇ ଡାକ୍ତରଖାନା ଯାଉଥିବା ବେଳେ ଅଧ ବାଟରେ ଜଣେ ୬୦ ବର୍ଷିଆ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରୀଗୁଡା ଗ୍ରାମର ଭୀମ ଜାନି। ଭୀମ ଓ ତାଙ୍କ ସ୍ତ୍ରୀ ଅଲାଇ ଶୋଇଥିବା ସମୟରେ ହଠାତ ତାଙ୍କ ପେଟ ଯନ୍ତ୍ରଣା ହୋଇଥିଲା। ହେଲେ ବର୍ଷା ଯୋଗୁ ଗାଁଠାରୁ ଆରଡି ଛକ ଯାଏ ମରଣଯନ୍ତା ରାସ୍ତାରେ ତାଙ୍କୁ କୋରାପୁଟ ମେଡିକାଲ ନେବା ସମ୍ଭବ ହୋଇ ନ ଥିଲା। ଶନିବାର ପୁଣି ଭୀମଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଭୀମଙ୍କୁ ଗୁରୁତର ଅବସ୍ଥାରେ ଏକ ଖଟିଆରେ ଗାଁଠାରୁ ଗଦ୍ରୀ ଛକରେ ଅଟକି ଥିବା ଆମ୍ବୁଲାନ୍ସ ନିକଟକୁ ମରଣଯନ୍ତା ମାଟି ରାସ୍ତାରେ ପ୍ରାୟ ୩ କିମି ବୋହି ଆଣୁଥିବା ବେଳେ ଅଧ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ସାନ ଭାଇ ଉତରା ଜାନୀ, ସିପୁ ଜାନୀ ଓ ଲାଚୁ ଜାନୀ ପ୍ରମୁଖ କହିଛନ୍ତି। ଆମ ଗାଁକୁ ଉପଯୁକ୍ତ ରାସ୍ତା ନ ଥିବାରୁ ପୂର୍ବରୁ ଅନେକ ରୋଗୀଙ୍କୁ ବୋହି ଆଣୁଥିବା ସମୟରେ ଅଧାବାଟରେ ସେମାନଙ୍କ ମୃତ୍ୟୁ ହେଉଛି। ଏ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ଏବଂ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟ ଦୃଷ୍ଟିଗୋଚର କରାଯାଇଥିଲେ ସୁଦ୍ଧା ଗାଁ ପାଇଁ କାହାର ଆନ୍ତରିକତା ନ ଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ଗାଁକୁ ପକ୍କା ରାସ୍ତା ଯୋଗାଇ ନ ଦେଲେ ଏଭଳି ଘଟଣା ବାରମ୍ବାର ଘଟିପାରେ ବୋଲି ଗ୍ରାମବାସୀ କହିଛନ୍ତି।


ବୃଦ୍ଧଙ୍କୁ ଭାରରେ ଆମ୍ବୁଲାନ୍ସ ପାଖକୁ ନିଆଯାଉଛି।

# ରାଜ୍ୟସ୍ତରୀୟ ଟେବୁଲ ଟେନିସ୍‌ରେ ଭାଗନେବେ ୫ ଛାତ୍ର


ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ୫ ଛାତ୍ର ଓ ଖେଳ ଶିକ୍ଷକ।

ପଟାଙ୍ଗି,୨।୧୧(ଶରତ ଧଳ)

କୋରାପୁଟ ଜିଲାର ପଟାଙ୍ଗି ବ୍ଲକ୍ ଅନ୍ତର୍ଗତ ପୁକାଲି ନୋଡାଲ ହାଇସ୍କୁଲ ଏବଂ ଦାମନଯୋଡ଼ି ଶିଶୁ ବିଦ୍ୟାମନ୍ଦିରର ୨ ଛାତ୍ର ଜିଲାସ୍ତରୀୟ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ଅଂଶଗ୍ରହଣକରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ପୁକାଲି ନୋଡାଲ ହାଇସ୍କୁଲର ଅଭିଷେକ ଦୋରା, ଶଙ୍କର ଲିୟା ଏବଂ ନାଗେଶ ପାମିୟାଙ୍କ ସହ ଦାମନଯୋଡ଼ିର ଆଲିଶ ବାଘ ଓ ସୁଶାନ୍ତ କୁମାର ନାୟକ ପ୍ରମୁଖ ୧୭ ବର୍ଷରୁ କମ୍ ୫ ଛାତ୍ର ବଲାଙ୍ଗୀର ଜିଲାରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଛାତ୍ରମାନଙ୍କ ରାଜ୍ୟସ୍ତରୀୟ ମନୋନୀତ ଅନ୍ୟ ଛାତ୍ରମାନଙ୍କ ପାଇଁ ପ୍ରେରଣା ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଖେଳ ଶିକ୍ଷକ ଅର୍ଜୁନ ଦାସ ଛାତ୍ରମାନଙ୍କ ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଗସ୍ତ କରିଥିବା ବେଳେ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗାଇଡ୍ ଶିକ୍ଷକ ଦାସ ସୂଚନା ଦେଇଛନ୍ତି।

# ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ହଷ୍ଟେଲ ଛାତ୍ରୀ ବିଇଓଙ୍କ ଦ୍ୱାରସ୍ଥ

ବୈପାରୀଗୁଡା, ୨।୧୧(କଳ୍ପତରୁ ମହାନ୍ତି)

ବୈପାରୀଗୁଡା ବ୍ଲକ୍‌ର କୋଲାର ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିଣିଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ଦାୟିତ୍ୱରେ ଥିବା ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବା ଦାବିରେ ହଷ୍ଟେଲ ଛାତ୍ରୀମାନେ ବିଇଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ଉକ୍ତ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ମାଡ ମାରି ଅସୁସ୍ଥ କରିବାକୁ ନେଇ ଜଣେ ଅଭିଭାବକ ଶିକ୍ଷୟିତ୍ରୀଙ୍କ ବିରୋଧରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କର୍ତ୍ତାମୀଙ୍କ ନିକଟରେ ଫେରାଦ ହୋଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କର୍ତ୍ତାମି ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ସେହି ବିଦ୍ୟାଳୟରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏକ ଛାତ୍ରୀବାସ ଦାୟିତ୍ୱରେ ଥିବା ବେଳେ ଶନିବାର ତାଙ୍କର ଅନ୍ୟତ୍ର ବଦଳି ହୋଇଥିଲା। ଖବର ପାଇ ଛାତ୍ରୀବାସର ଅନ୍ତେବାସୀମାନେ ଅସନ୍ତୋଷ ପ୍ରକାଶ କରି ମଧ୍ୟାହ୍ନ ଭୋଜନ ମଧ ଖାଇ ନ ଥିଲେ। ବିଦ୍ୟାଳୟ ଛୁଟି ପରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ହଷ୍ଟେଲକୁ ଯିବା ବଦଳରେ ସେଠାରୁ ୫ କିମି ଦୂର ବୈପାରୀଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପାଦରେ ଚାଲି ଚାଲି ୪ କିମି ଦୂର ଆସୁଥିବା ବେଳେ କେତେକ ଶିକ୍ଷକ ସେମାନଙ୍କୁ ଫେରାଇ ନେଇଥିଲେ। ଏ ଖବର ଜାଣିବା ପରେ ଗୋଷ୍ଠୀ ଶିକ୍ଷାଧିକାରୀ କର୍ତ୍ତାମି ଓ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା କାର୍ତ୍ତିକ ପାଢ଼ୀ ପୃଥକ ପୃଥକ ଭାବେ ତଦନ୍ତ କରିଥିବା ଜଣାପଡିଛି। ଏ ନେଇ ମଙ୍ଗଳ ଅଧିକାରୀ ପାଢ଼ିଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ପ୍ରକ୍ରିୟା ଚାଲିଥିବା କହିଥିଲେ। ହଷ୍ଟେଲ ଦାୟିତ୍ୱରେ ଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀ ଅଳକା ବେଣିଆଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କର କୌଣସି ବଦଳି ନିର୍ଦ୍ଦେଶ ଆସି ନ ଥିବା କହିଛନ୍ତି। ବିଦ୍ୟାଳୟର କେତେକ ଶିକ୍ଷକଙ୍କଠାରୁ ଏପରି ମିଥ୍ୟା ଖବର ପାଇ ପିଲାମାନେ ବିଇଓଙ୍କୁ ଭେଟିବାକୁ ଯାଉଥିବା ସଫେଇ ଦେଇଛନ୍ତି।


ହଷ୍ଟେଲ ଛାତ୍ରୀ।

# ପରିବହନ ବିଭାଗ ଟେଣ୍ଡର ପ୍ରକ୍ରିୟାରେ ଚଞ୍ଚକତା

ସୁନାବେଡା,୨।୧୧(କୃତ୍ତିବାସ ପ୍ରଧାନ)

କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଟେଣ୍ଡର ପ୍ରକ୍ରିୟାରେ ହେରଫେର୍ ହୋଇଥିବା ଜଣାପଡିଛି। ସୂଚନା ଅଧିକାର ଆଇନ ବଳରେ ନିଜେ ପରିବହନ ବିଭାଗ ଦେଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଅଧିକାରୀମାନେ ରୋଡ଼ ସେଫ୍ଟି ତଦାରଖ କରିବାକୁ ଯିବା ପାଇଁ କିଛି ଗାଡିର ଆବଶ୍ୟକତା ପଡୁଥିବା ବେଳେ ଏହିସବୁ ଗାଡି ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଳୟରେ ଲଗାଯାଏ। ଏଥିରେ ବଡ଼ ଧରଣର ହେରଫେର ହୋଇଥିବା ଏବଂ ନିଜେ ଅଧିକାରୀ ଏଥିରେ ସାମିଲ ଥିବା ତଥ୍ୟରୁ ପ୍ରକାଶ। ସମସ୍ତ ଗାଡି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଇଚ୍ଛାରେ ଲଗା ଯାଇଥିବା ପ୍ରମାଣ ମିଳିଛି। କାର୍ଯ୍ୟାଳୟରେ କୌଣସି ଟେଣ୍ଡର ହୋଇ ନ ଥିବା, କିମ୍ବା ଟେଣ୍ଡର ପ୍ରକ୍ରିୟା ପାଇଁ କୌଣସି ଗଣମାଧ୍ୟମରେ ବିଜ୍ଞାପନ ମଧ୍ୟ ବାହାରି ନ ଥିବା ଜଣାପଡିଛି। ବ୍ୟାପକ ଅନିୟମିତତା କରି କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଡାଟାଏଣ୍ଟ୍ରି ଅପରେଟରଙ୍କ ବୋଲେରୋ ନିଓ ଗାଡି(ଓଡି-୦୨ ସିଟି-୬୬୬୯) ସିଧାସଳଖ ପରିବହନ ଅଧିକାରୀ ଲଗାଇଥିବା ପ୍ରମାଣ ମିଳିଛି। ସେହିପରି ଅନ୍ୟ କିଛି ଗାଡି ମଧ୍ୟ ୨୦୨୧ରୁ ଲାଗିଥିବା ବିଭାଗ ତଥ୍ୟ ଦେଇଛି। ଓଡି-୧୦ ଜେ-୯୦୦୮ ,ଓଡି-୧୦ କ୍ୟୁ-୫୦୧୨ ଏବଂ ଓଡି-୧୦ ଟି-୩୩୩୭ ଗାଡି ଗୁଡିକ ମଧ କୌଣସି ଟେଣ୍ଡର ମାଧ୍ୟମରେ ଲଗା ଯାଇ ନଥିବା ବେଳେ ବର୍ତ୍ତମାନ ସେଥିମଧ୍ୟରୁ ଓଡି-୧୦ ଜେ-୯୦୦୮ଗାଡିକୁ ବାହାର କରି ଦିଆଯାଇଛ। ଟେଣ୍ଡର ପ୍ରକ୍ରିୟା ନାମକୁ ମାତ୍ର ହୋଇଥିଲା ଏବଂ ସେଥିରେ ଆବେଦନ କରାଯାଇଥିବା ସମସ୍ତ ଦରଖାସ୍ତଗୁଡିକରେ ଜଣେ ବ୍ୟକ୍ତିଙ୍କ ହାତଲେଖା ଥିବା ବେଳେ ନାମ ଓ ଠିକଣା ଭିନ୍ନ ରହିଛି ଏବଂ ସମସ୍ତ ଦରଖାସ୍ତରେ ଜଣେ ବ୍ୟକ୍ତିଙ୍କ ମୋବାଇଲ ନମ୍ବର ଥିବା ଜଣାପଡିଛି। ଟେଣ୍ଡର ପ୍ରକ୍ରିୟାରେ ଓଡି-୧୦ ଏକ୍ସ-୮୬୬୭,ଓଡି ୦୨ ସିଟ-୬୬୬୯ ଏବଂ ଓଡି-୨୪ କେ-୪୫୯୯ ଆଦି ୩ ଗାଡି ଟେଣ୍ଡର ପ୍ରକ୍ରିୟାରେ ଆବେଦନ କରିଥିଲେ ବୋଲି ବିଭାଗ ତଥ୍ୟ ଦେଇଛି। ଆବେଦନକାରୀ ଦେଇଥିବା ତଥ୍ୟରେ ଓଡି-୨୪ କେ-୪୫୯୯ ନମ୍ବର ଗାଡି ବୋଲେରୋ ନିଓ ଦର୍ଶାଯାଇଥିବା ବେଳେ ପ୍ରକୃତରେ ତାହା ଏକ ବାଇକ୍ ନମ୍ବର ବୋଲି ଜଣାପଡିଛି। ସେହିପରି ସେହି ଟେଣ୍ଡର ପ୍ରକ୍ରିୟାରେ ୫ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ କୋରାପୁଟ ପରିବହନ ଅଧିକାରୀଙ୍କ ନାମରେ ରହିବା ନିୟମ ଥିବା ବେଳେ କୌଣସି ଗାଡି ମାଲିକଙ୍କ ଡ୍ରାଫ୍ଟ ସୂଚନା ମାଗିଥିବା ତଥ୍ୟରେ ଦେଇନାହାନ୍ତି। ଟେଣ୍ଡର ପ୍ରକ୍ରିୟାରେ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ନିଜେ ସମସ୍ତ ଆବେଦନ କରିଥିବା ଜଣାପଡ଼ିଛି। କାର୍ଯ୍ୟାଳୟରେ ଲାଗିଥିବା ଡିଇଓଙ୍କ ଗାଡି ୧।୪।୨୪ରେ କାର୍ଯ୍ୟାଳୟରେ ଭଡ଼ା ଆକାରରେ ଲାଗିଲା। କିନ୍ତୁ ସେହି ବ୍ୟକ୍ତି ଜଣକ ନିଜ ନାଁର ଜିଏସ୍‌ଟି ସାର୍ଟିଫିକେଟ ସେପ୍ଟେମ୍ବର ୧୮ରେ ଆଣି କାର୍ଯ୍ୟାଳୟରେ ଦାଖଲ କରିଥିବା ବେଳେ ତାହା ପରିବହନ ବିଭାଗର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏପରି କାର୍ଯ୍ୟକଳାପରେ ନିଜେ ପରିବହନ ଅଧିକାରୀ ସାମିଲ ଥିବା ଅଭିଯୋଗ ମଧ୍ୟ







## ଅଧିକାରୀ ସାମିଲ ଥିବା ଅଭିଯୋଗ

ହୋଇଛି। କୋରାପୁଟ ଆଞ୍ଚଳିକ ପରିବହନ ବିଭାଗରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ପ୍ରାୟ ୧୧୭୩ ପୃଷ୍ଠାର ତଥ୍ୟ ମଧ୍ୟରୁ ଏତିକି ମିଳଥିବା ବେଳେ ଆହୁରି ବାକି ଥିବା ପୃଷ୍ଠାଗୁଡ଼ିକୁ ତନଖିଲେ ହୁଏତ ଆହୁରି ଗୁଡାଏ କେଳେଙ୍କାରୀ ପଦାକୁ ଆସିବ। ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରାଜ୍ୟ ସରକାର କିମ୍ବା ଗୁଇନ୍ଦା ବିଭାଗ ପକ୍ଷରୁ ଏ ସମସ୍ତ ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ରାଜେଶ ମାରାଣ୍ଡିଙ୍କୁ ପଚାରିବାରୁ ଆଇଟି ବିଭାଗ ଜିଏସ୍‌ଟି ସାର୍ଟିଫିକେଟ ମାଗିବା ପରେ ସମ୍ପୃକ୍ତ ମାଲିକଙ୍କୁ ପୈଠ କରିବାକୁ କୁହାଯାଇଥିଲା। ଏଥିସହ ବାକି ଯାହା ରହିଛି ସେ ସବୁ ଦେଖିବା ପରେ କହିପାରିବେ ବୋଲି କହିବା ସହ ଯଦି ଟେଣ୍ଡର ପ୍ରକ୍ରିୟାରେ କୌଣସି ଚଞ୍ଚକତା ବା କୌଣସି ଅନିୟମିତତା ହୋଇଥିବ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

